ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଖୋର୍ଦ୍ଧା ଜିଲ୍ଲା ସଂପୁର ଅଞ୍ଚଳରେ ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ

* ଡାକ୍ତରୀ ଦଳ ସଜାଗ
* ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ

ଭୁବନେଶ୍ୱର, ୨୫/୦୮/୨୦୧୯

ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଂଘୁରିଆ ପଞ୍ଚାୟତର ସଂପୁର ସମେତ ୬ଟି ଆଖପାଖ ଗ୍ରାମରେ ଝାଡ଼ାବାନ୍ତି ଉଗ୍ରରୂପ ଧାରଣ କରିଛି ବୋଲି ବିଭିନ୍ନ ସମ୍ବାଦପତ୍ରରେ ଖବର ପ୍ରକାଶିତ ହୋଇଥିଲା ଓ ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା କଥା ପ୍ରଘଟ ହୋଇଥିଲା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ନଜରକୁ ଏହି ଘଟଣା ଆସିବା ପରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ଡାକ୍ତରୀ ଦଳ ପଠାଇ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ସହ ଝାଡ଼ାବାନ୍ତି କିପରି ରୋକାଯାଇପାରିବ ସେ ସଂପର୍କରେ ନିର୍ଦ୍ଦେଶ ଦେଇଥିଲେ ।

ସଚିବ ଡା. ମେହେର୍ଦ୍ଦାଙ୍କ ନିର୍ଦ୍ଦେଶକ୍ରମେ ଡାକ୍ତରୀ ଦଳ(ର୍ୟାପିଡ୍ ରେସ୍ପନ୍ସ ଟିମ୍) ସଂପୁର ଆଖପାଖ ୭ଟି ଗ୍ରାମ ଗସ୍ତ କରି ଦେଖିବାକୁ ପାଇଥିଲେ ଯେ ଗତ ଅଗଷ୍ଟ ୧୭ରୁ ୨୫ ତାରିଖ ମଧ୍ୟରେ ୧୭ ଜଣ ଡାଇରିଆରେ ଆକ୍ରାନ୍ତ ହୋଇଥିବାବେଳେ ପ୍ରାଥମିକ ଚିକିତ୍ସା ପରେ ଏବେ ସମସ୍ତେ ସୁସ୍ଥ ଅଛନ୍ତି । ଏବେ ଚିକିତ୍ସିତ ହେଉଥିବା ୩ ଜଣଙ୍କର ଅବସ୍ଥା ସ୍ୱାଭାବିକ ରହିଛି । ସଂପୁର ଓ ଆଖପାଖ ଗ୍ରାମରେ କୂଅଗୁଡ଼ିକୁ କ୍ଲୋରିନ ପକାଇ ପାନୀୟ ଜଳକୁ ଜୀବାଣୁମୁକ୍ତ କରାଯାଇଛି । ଏହା ସହିତ କ୍ଲୋରିନ୍ ବଟିକା ବଣ୍ଟନ କରାଯିବା ସହ ଔଷଧ ବିତରଣ କରାଯାଇଛି । ଜଳ ନମୁନା ମଧ୍ୟ ପରୀକ୍ଷା ପାଇଁ ପଠାଯାଇଛି ଓ ଡାକ୍ତରଙ୍କ ସହ ପାରାମେଡିକାଲ ଷ୍ଟାଫ୍ ଏହି ଅଞ୍ଚଳରେ ରହିଛନ୍ତି । ଭବିଷ୍ୟତରେ ଝାଡ଼ାବାନ୍ତି ଯେପରି ନ ବ୍ୟାପେ ସେଥିପାଇଁ ସମସ୍ତ ପ୍ରକାର ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରୀ ଦଳ ଝାଡ଼ାବାନ୍ତି ଆକ୍ରାନ୍ତ ଅଞ୍ଚଳକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରବା ସହ ଔଷଧ ବଣ୍ଟନ, ଜଳବିଶୋଧନ ସହ ସଚେତନତା ଶିବିରର ଆୟୋଜନ କରିଥିଲେ ।

ଅନ୍ୟ ପକ୍ଷରେ ଗତ ଅଗଷ୍ଟ ୨୩ ତାରିଖରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଛୋଟରାୟପୁରର ୮୦ ବର୍ଷ ବୟସ୍କା ଲଳିତା ଜେନାଙ୍କ ମୃତ୍ୟୁ ଡାଇରିଆ ଯୋଗୁଁ ନୁହେଁ ବରଂ ସେ ସେପ୍ଟିସେମିଆରେ ଆକ୍ରାନ୍ତ ଥିଲେ ବୋଲି ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଭେଷଜ ବିଶେଷଜ୍ଞଙ୍କ ରିପୋର୍ଟକୁ ଆଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ପଷ୍ଟ କରିଛନ୍ତି ।

ବିଭୂତି ଭୂଷଣ ନାୟକ
ସୂଚନା ଅଧିକାରୀ